# କାର୍ଯ୍ୟନିର୍ବାହୀ ସାରାଂଶ

## ସମୀକ୍ଷାର ଦୃଷ୍ଟିକୋଣ

- ଗୋଟିଏ ସମ୍ପୂର୍ଣ୍ଣ ଏବଂ ଚାରୋଟି ଆଂଶିକ ସଂପୂର୍ଣ୍ଣ ବୃହତ୍ ପ୍ରକଳ୍ପଗୁଡିକ, ନଅଟି ସମ୍ପୂର୍ଣ୍ଣ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ଓ ଦଶଟି ସମ୍ପୂର୍ଣ୍ଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ନମୁନା ଯାଞ୍ଚ ଏପ୍ରିଲ 2014 ରୁ ମାର୍ଚ୍ଚ 2019 ପର୍ଯ୍ୟନ୍ତ ଅନ୍ତର୍ଭୂକ୍ତ କରି ଭୂପୃଷ୍ଠ ଜଳସେଚନର ନିଷ୍ପାଦନ ସମୀକ୍ଷା ଜୁନ୍‌ରୁ ସେପ୍ଟେମ୍ବର 2019 ମଧ୍ୟରେ ସଂଚାଳନ କରାଯାଇଥିଲା । ପ୍ରକଳ୍ପ ଗୁଡିକର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟାଲୋଚନାରେ ବିବିଧ ଅଭାବ ସମ୍ପାଦନ ସମୀକ୍ଷାରେ ପ୍ରକଟିତ କରାଗଲା ।

## ଆର୍ଥିକ ପରିଚାଳନା

- ଯଦିଓ ନମୁନା ଯାଞ୍ଚ ଅନ୍ତର୍ଭୂକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର ଖର୍ଚ୍ଚ କରିବାର କ୍ଷମତା 74 ପ୍ରତିଶତ ରୁ 99 ପ୍ରତିଶତ ଥିଲା ତଥାପି ତୁରନ୍ତ ଉପଯୋଗ ନ କରି 2014-20 ମଧ୍ୟରେ 842.98 କୋଟି ଟଙ୍କା ସମର୍ପଣ କରିଥିଲେ ବୋଲି ସମୀକ୍ଷାରୁ ଜଣାପଡିଲା । କାର୍ଯ୍ୟନିର୍ବାହ କରିବା ପାଇଁ ବିଭାଗ ଦ୍ୱାରା ସୁସ୍ପଷ୍ଟ ଜାଗା ହସ୍ତାନ୍ତରରେ ବିଳମ୍ବ, ଅନିବାର୍ଯ୍ୟ ମଞ୍ଜୁରୀ ପ୍ରାପ୍ତି ପ୍ରଭୃତିରେ ବିଳମ୍ବ ସହିତ ପର୍ଯ୍ୟାଲୋଚନା କ୍ଷେତ୍ରରେ ଅବହେଳା ଆଦି କାରଣ ପାଇଁ ମୁଖ୍ୟତଃ ପାଣ୍ଠି ଫେରସ୍ତ ହୋଇଥିଲା ।
- ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକର ମୂଲ୍ୟ 182 ରୁ 4,596 ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଏହି ବୃଦ୍ଧି ସତ୍ତ୍ୱେ ମାତ୍ର ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପ ଅର୍ଥାତ୍ ୟୁ.ଆଇ.ଆଇ.ପି. (ସଂପ୍ରସାରଣ) ସମ୍ପୂର୍ଣ୍ଣ ହୋଇଥିଲା ଏବଂ ଅନ୍ୟ ଚାରୋଟି ବୃହତ୍ ଜଳସେଚନ ପ୍ରକଳ୍ପ ଗୁଡିକର ପ୍ରଗତି ବିଭିନ୍ନ ସ୍ତରରେ ଥିଲା ଫଳରେ ପୁନର୍ବାର ମୂଲ୍ୟବୃଦ୍ଧିକୁ ଅଗ୍ରାହ୍ୟ କରିହେବ ନାହିଁ ।
- ଆର୍ଥିକ ପରିଚାଳନାରେ ଅନ୍ୟାନ୍ୟ ଅନିୟମିତତା ଯଥା କେନ୍ଦ୍ରୀୟ ସହାୟତା ପ୍ରାପ୍ତି ନ ହେବା ଯେଉଁଥିପାଇଁ ପାଣ୍ଠି ଉଠାଣ ହୋଇଥିଲା ସେଥିରେ ବ୍ୟବହାର ନ କରି ବିଭିନ୍ନ ବ୍ୟାଙ୍କରେ ରଖାଯାଇଥିଲା । ସରକାରଙ୍କ ରାଜସ୍ୱ ଜମା ନ କରିବା ଓ ଅନାଦେୟ ଅଗ୍ରୀମ ଗୁଡିକୁ ବ୍ୟବସ୍ଥିତ ନ କରିବା ଏବଂ କରର ଅଗ୍ରାହ୍ୟ ଦେୟ ବାବଦରେ 2,203.84 କୋଟି ଟଙ୍କା ଥିବା ସମୀକ୍ଷାରୁ ଜଣାପଡିଲା ।

## ପ୍ରକଳ୍ପ ଗୁଡିକର ଯୋଜନା ଏବଂ ନିର୍ବାହ

- ନମୁନା ଯାଞ୍ଚ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡିକରେ 12,742.11 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପ୍ରସ୍ତାବିତ 5,02,842 ହେକ୍ଟର ଆଇ.ପି. ରୁ 1,22,418 ହେକ୍ଟର ହାସଲ ହୋଇଥିଲା ଯାହାକି ମାତ୍ର 24 ପ୍ରତିଶତ ସଂସ୍ଥାପନ ହୋଇଥିଲା ।
- ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ବହୁତ ମନ୍ଥର ଥିଲା ଏବଂ ପ୍ରକଳ୍ପ ଗୁଡିକର ସମାପ୍ତି ରେ 13 ବର୍ଷ ରୁ ( କ୍ଷୁଦ୍ର ଜଳସେଚନ ପ୍ରକଳ୍ପ) 43 ବର୍ଷ (ରେଙ୍ଗାଲି ଦକ୍ଷିଣ ତଟ କେନାଲ/ରେଙ୍ଗାଲି ବାମ ତଟ କେନାଲ) ର ବିଳମ୍ବ ହୋଇଥିଲା । ଜମି ଅଧିଗ୍ରହଣର ନିଅଣ୍ଟ, ଜଙ୍ଗଲ ଜମିର ବୈଧାନିକ ନିକାଶ ଅଗ୍ରିମ ଆଣିବାରେ ଅସାମର୍ଥ୍ୟ, କାର୍ଯ୍ୟର ପରିକଳ୍ପନା ଏବଂ ପରିସରରେ ପରିବର୍ତ୍ତନ ଇତ୍ୟାଦି ପାଇଁ ବିଳମ୍ବ ହୋଇଥିଲା । ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ ବିଳମ୍ବ ସହିତ ଅଦକ୍ଷ କାର୍ଯ୍ୟ ପରିଚାଳନା ପ୍ରକଳ୍ପଗୁଡ଼ିକର ମୂଲ୍ୟ ବୃଦ୍ଧି ଘଟାଇଥିଲା ।
- ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି ଓ ପ୍ରକ୍ରିୟାକରଣରେ ଅଭାବଗୁଡିକ ଯଥା- ଅପ୍ରଚୁର ସର୍ବେକ୍ଷଣ, କାର୍ଯ୍ୟର ପରିକଳ୍ପନା ଏବଂ ପରିସରରେ ପରିବର୍ତ୍ତନ, ଜଳସେଚନ ଉପଯୋଗୀ କ୍ଷେତ୍ର, ପ୍ରକଳ୍ପଗୁଡିକର ଉପକାର ମୂଲ୍ୟ ଅନୁପାତରେ ଭୁଲ ଗଣନା, ପାଣି ଉପଲବ୍ଧତାର ତ୍ରୁଟିପୂର୍ଣ୍ଣ ନିର୍ଦ୍ଧାରଣ, କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନାରେ ଅଭାବ ଇତ୍ୟାଦି ପାଇଁ କାର୍ଯ୍ୟର ଆରମ୍ଭ ପରେ ମୂଲ୍ୟ ଆକଳନରେ ପରିବର୍ତ୍ତନ ହୋଇଥିଲା ।

- ଆବଶ୍ୟକ ଥିବା ବେସରକାରୀ ଜମି 66,219.25 ଏକରରୁ ଏହି ବାବଦରେ ପାଣ୍ଠିର ଉପଲବ୍ଧ ଥିବା ସତ୍ତ୍ୱେ ଏଲ.ଏ.ଓ. ମାନେ 31,554.57 ଏକର ଜମି (48 ପ୍ରତିଶତ) ଅଧିଗ୍ରହଣ କରିପାରିଥିଲେ । ସେହିପରି ବଛାଯାଇଥିବା ପ୍ରକଳ୍ପଗୁଡିକର ଏଲ.ଏ.ଓ. ମାନେ ଆବଶ୍ୟକ ଥିବା ସରକାରୀ ଜମି 8,387.05 ଏକର ମଧ୍ୟରୁ 7,338.60 ଏକର ହସ୍ତାନ୍ତର କରିବାରେ ବିଫଳ ହୋଇଥିଲେ ।
- କାର୍ଯ୍ୟଗୁଡିକର ପରିଚାଳନାରେ ବ୍ୟତିକ୍ରମ ଯଥା- କାର୍ଯ୍ୟର ଦୋହରା ଯିବା, କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ପାଇଁ ଦଣ୍ଡର ଅନାଦେୟ, ଟେଣ୍ଡରରେ ଅନିୟମିତତା, ଅଧିକ ଦୂରତ୍ୱର ବ୍ୟବସ୍ଥା ପାଇଁ ଅଧିକ ମୂଲ୍ୟ, ନିର୍ଦ୍ଧାରିତ ଦର/ବିଶ୍ଳେଷଣ ଦର ଏବଂ ବି.ଆଇ.ଏସ. ସଂହିତାର ବିଚ୍ୟୁତି ଇତ୍ୟାଦି ସମୀକ୍ଷାରୁ ଜଣାପଡିଥିଲା । ଅନିୟମିତତା/ ଅଫଳପ୍ରଦ/ ଅପଚୟ/ ପରିହାର୍ଯ୍ୟ/ ଠିକାଦାରମାନଙ୍କୁ ଅତିରିକ୍ତ ଖର୍ଚ୍ଚ ବାବଦରେ 554.87 କୋଟି ଟଙ୍କା ଅତିରିକ୍ତ ଆର୍ଥିକ ପ୍ରଭାବ ଗୁଡିକ ସମୀକ୍ଷାରେ ଦେଖିବାକୁ ମିଳିଥିଲା ।
- ଯେତେବେଳେ ଜଳ ଉତ୍ସର ଉପଲବ୍ଧତା ନିଶ୍ଚିତ ନ କରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇଥିଲା, ସମାନ ବିଭାଗର କାର୍ଯ୍ୟାନ୍ୱୟନ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକର ଆୟାକଟ୍ ବୃହତ ଜଳସେଚନ ପ୍ରକଳ୍ପଗୁଡିକର ଆୟାକଟ୍ ରେ ମିଶିଯାଇଥିଲା ।
- ନମୁନା ଯାଞ୍ଚ ପ୍ରକଳ୍ପ ଗୁଡିକରେ ଆୟାକଟ ହାସଲ କରିବାରେ ଉଲ୍ଲେଖନୀୟ ଅଭାବ ଥିଲା । ବିବିଧ ଶସ୍ୟ ଜାତ ଦ୍ରବ୍ୟ ଉତ୍ପାଦନ କରିବାର ଢାଞ୍ଚାକୁ ଗ୍ରହଣ ନ କରି କେବଳ ଧାନ ଚାଷ କରୁଥିବା ସମସ୍ତ ନମୁନା ଯାଞ୍ଚ ପ୍ରକଳ୍ପଗୁଡିକର ଆୟାକଟ୍‌ରେ ପ୍ରକଟିତ ହୋଇଥିଲା । ଫଳସ୍ୱରୂପ, ସମସ୍ତ ବୃହତ୍ ପ୍ରକଳ୍ପ ଗୁଡିକ ସ୍ୱଳ୍ପ ଖର୍ଚ୍ଚରେ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ ନ ହେବାର ଆଶଙ୍କା ସହିତ ଗତି କରୁଥିଲା । ପ୍ରକଳ୍ପଗୁଡିକର ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ପରିଚାଳନା ଏବଂ ଅନ୍ୟ ହିତାଧିକାରୀଙ୍କୁ ହସ୍ତାନ୍ତର କରିବାରେ ଅଭାବ ପରିଲକ୍ଷିତ ହୋଇଥିଲା ।

## ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବକାରୀତା

- ଅଂଶଗ୍ରହଣକାରୀ ପରିଚାଳନା ରେ ତ୍ରୁଟି ତଥା ଅନ୍ୟାନ୍ୟ ହିତାଧିକାରୀଙ୍କୁ ହସ୍ତାନ୍ତର କରିବା ଏବଂ ପ୍ରକଳ୍ପ କାର୍ଯ୍ୟ ପରିଚାଳନାରେ ଢିଲାପଣ ଆଦିର ଅଭାବ ପରିଲକ୍ଷିତ ହୋଇଥିଲା । ଉପକୂଳ ସୁରକ୍ଷା ବୃକ୍ଷ, କେନାଲ କୂଳ ବୃକ୍ଷରୋପଣ, ବନ୍ୟଜନ୍ତୁ ପରିଚାଳନା, କ୍ଷତିପୁରଣ ବୃକ୍ଷରୋପଣ ଏବଂ ବର୍ତ୍ତମାନ ବାସ୍ତବିକ ମୂଲ୍ୟ ନିମନ୍ତେ 282.93 କୋଟି ଟଙ୍କା ଜଙ୍ଗଲ ବିଭାଗ ନିକଟ ରେ ଦାଖଲ ହୋଇଥିଲା । ଏହା ପ୍ରକଳ୍ପ ଗୁଡ଼ିକର ନିର୍ମାଣ ପାଇଁ ବ୍ୟବହାର ହୋଇଥିବା ସମପରିମାଣ ଜଙ୍ଗଲ ଜମି ସହ ଭରଣା ହୋଇଥିଲା । ବିନିଯୋଗ ପ୍ରମାଣପତ୍ର କେବଳ 70.93 କୋଟି ଟଙ୍କାର ଦିଆଯାଇଥିଲା ।
- ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ରେ ଜଙ୍ଗଲ ଜମିର ନିକାସ ନ ମିଳିବାରୁ ନିର୍ମାଣ ସମାପ୍ତ ହୋଇନଥିଲା ଯଦ୍ୱାରା କୃଷକ ମାନେ ଜଳସେଚନ ରୁ ବଞ୍ଚିତ ହୋଇଥିଲେ ।
- କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଡ଼ିପିଆର ରେ ପ୍ରସ୍ତାବିତ କୃଷି ପ୍ରଣାଳୀ ମାଧ୍ୟମରେ ଆକଳିତ ଏବଂ ପ୍ରସ୍ତାବିତ ଜଳ ଯୋଗାଣର ତିବ୍ରତା କୁ ହାସଲ କରିବା ପ୍ରକୃତରେ କାର୍ଯ୍ୟକାରୀ ହୋଇନଥିଲା ଏବଂ କେବଳ ଧାନ ହିଁ ଜଳସେଚିତ କ୍ଷେତ୍ରରେ ଚାଷ ହେଉଥିଲା ।

## ପ୍ରକଳ୍ପର ପର୍ଯ୍ୟବେକ୍ଷଣ

- ଇଇ. ଉଠା ଜଳସେଚନ ବିଭାଜନ, ଢେଙ୍କାନାଳଙ୍କୁ 19 ଟି ଉଠା ଜଳସେଚନ ପ୍ରକଳ୍ପର ନିର୍ମାଣ ଲାଗି (2004 ରୁ 2012 ମଧ୍ୟରେ) 26.35 କୋଟି ଟଙ୍କା ଦିଆଯାଇଥିଲା । କେବଳ 15.67 କୋଟି ଟଙ୍କା ବ୍ୟୟ ରେ 17 ଟି ପ୍ରକଳ୍ପ ର ନିର୍ମାଣ ହୋଇଥିଲା । ବାକି ଦୁଇଟି ପ୍ରକଳ୍ପ ର କାମ (ସେପ୍ଟେମ୍ବର 2019) ସୁଦ୍ଧା ଅସଂପୂର୍ଣ୍ଣ ଥିଲା । 17 ଟି ସମ୍ପୂର୍ଣ ପ୍ରକଳ୍ପ ମଧ୍ୟରୁ 5 ଟି ପ୍ରକଳ୍ପ କାର୍ଯ୍ୟ କରୁଥିଲା ଏବଂ ବଳକା 12 ଟି ପ୍ରକଳ୍ପ ବାରମ୍ବାର ଯନ୍ତ୍ରପାତି ଚୋରି ଯୋଗୁଁ କାମ କରୁନଥିଲା । ଉଠା ଜଳସେଚନର ନିର୍ବାହ ଏବଂ ରକ୍ଷଣାବେକ୍ଷଣ ର ପର୍ଯ୍ୟବେକ୍ଷଣ ରେ କମି ଯୋଗୁଁ 2,200 ହେକ୍ଟର ଜମିକୁ ଜଳସେଚନ ହୋଇପାରିଲା ନାହିଁ ।
- ଗୋଟିଏ ଆକ୍ୱାଡକ୍ଟର ନିର୍ମାଣ କାମ ନିମ୍ନମାନର ହେବା ଏବଂ ଏହାର କୌଣସି ପ୍ରତିକାର ବ୍ୟବସ୍ଥା ନ କରିବାରୁ ଏହା ନିଜର କ୍ଷମତା ଅନୁଯାୟୀ କାର୍ଯ୍ୟ କରିପାରି ନଥିଲା ।

- ମେଗା ଲିଫ୍ଟ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରୀତା ର ଯଥେଷ୍ଟ ପର୍ଯ୍ୟବେକ୍ଷଣ ନ ହେବା, ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ରେ ବିଳମ୍ବ ପାଇଁ ଦଣ୍ଡ ବିଧାନ ନ କରିବା ପ୍ରତିବେଦନ ରେ ଦର୍ଶାଯାଇଥିଲା ।